## ଭାଜପା କାର୍ଯ୍ୟକାରିଣୀ ବୈଠକ

**ରାଉରକେଲା ଅଫିସ:** ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରବିବାର ଭାଜପା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଯୋଗଦେଇ ରାଜ୍ୟରେ ସାମ୍ପ୍ରଦାୟିକ ସ୍ଥିତି, ଆଗାମୀ ପଞ୍ଚାୟତ ନିର୍ବାଚନ ସମେତ ୨୦ଟି ପ୍ରସଙ୍ଗରେ ଉପସ୍ଥାପିତ ରାଜନୈତିକ ଚିଠା ଉପରେ ଆଲୋଚନା କରିଥିଲେ। ରାଜ୍ୟ ମୁଖପାତ୍ର ଧୀରେନ ସେନାପତି ଭାଜପାର ୭ ବର୍ଷ ଶାସନର ଇତିବୃତ୍ତି ଉପସ୍ଥାପନା କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଉରକେଲାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ, ସୁପରସ୍ପେଶାଲିଷ୍ଟ ହସ୍ପିଟାଲ ଭଳି କାର୍ଯ୍ୟ ଜିଲାବାସୀଙ୍କ ପାଇଁ ଉତ୍ସର୍ଗ ହୋଇଥିବା ଏମ୍‌ପି ଓରାମ କହିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପାରିବାରିକ କଳହ, ବଡ଼ଭାଇ ମୃତ

**ଜମନକିରା,୧୨।୧୨(ଡି.ଏନ.ଏ.):** ସମ୍ବଲପୁର ଜିଲା ଜମନକିରା ଥାନା ଅନ୍ତର୍ଗତ ଗୁଲୁଜିପାଲି ଗ୍ରାମ କୋଲୋପଡାରେ ପାରିବାରିକ କଳହକୁ କେନ୍ଦ୍ର କରି ଭାଇଭାଇ ଭିତରେ ମାରପିଟ ହୋଇଛି। ଶନିବାର ବିଳମ୍ବିତ ରାତିରେ ବଡଭାଇ ଲକ୍ଷ୍ମଣ କାଲୋ ଓ ତାଙ୍କର ସାନଭାଇ ଅରୁଣ କାଲୋଙ୍କ ଭିତରେ କୌଣସି କଥାକୁ ନେଇ ମାରପିଟ ହୋଇଥିବାର ଅଭିଯୋଗ ହୋଇଛି। ରବିବାର ସକାଳେ ଲକ୍ଷ୍ମଣଙ୍କ ମୃତଦେହ ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଜମନକିରା ଥାନା ଅଧିକାରୀ ପ୍ରେମଜିତ ଦାସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସନ୍ଦେହରେ ସାନଭାଇ ଅରୁଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସମ୍ବଲପୁରରୁ ସାଇଣ୍ଟିଫିକ୍ ଦଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ପରେ ହିଁ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି।

### ତାର ଚୋରି କରି ଯୁବକ ଗିରଫ

**ରାଉରକେଲା ଅଫିସ,୧୨।୧୨:** ରାଉରକେଲା ଇସ୍ପାତ କାରଖାନା ଭିତରୁ କପର ତାର ଚୋରି ଅଭିଯୋଗରେ ଟାଙ୍ଗରପାଲି ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବିନୋଦ ମଲ୍ଲିକ(୨୬)। ତାଙ୍କଠାରୁ ୫କେଜି ତାର ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ.୧୧୨।୨୧) ରୁଜୁ ହୋଇଛି। ଏହି ଥାନା ଅନ୍ତର୍ଗତ ଦେଓଗାଁ ଅଞ୍ଚଳର ବିନୋଦ ଶନିବାର ରାତିରେ କାରଖାନାର ଏଚ୍‌ଏସ୍‌ଏମ୍-୨ ଅଞ୍ଚଳରୁ କପର ତାର ଚୋରି କରିବା ବେଳେ ସିଆଇଏସ୍‌ଏଫ ଯବାନଙ୍କ ହାବୁଡରେ ପଡିଥିଲେ।

### ଯୁବତୀଙ୍କ ମୃତଦେହ ଉଦ୍ଧାର

**ରାଜଗାଙ୍ଗପୁର,୧୨।୧୨(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ଜରୁମାଲ ନିକଟସ୍ଥ ରେଳ ଧାରଣାରୁ ଜଣେ ଅଜଣା ଯୁବତୀଙ୍କ ମୃତଦେହକୁ ରବିବାର ଜବତ କରାଯାଇଛି। ମୃତ ଯୁବତୀ ଜଣକ କଳା ରଙ୍ଗର ଲେଗିନ୍ସ ଏବଂ ଗୋଲାପୀ ଓ ଧଳା ରଙ୍ଗର ଟପ୍ ପିନ୍ଧିଛନ୍ତି। ମୃତା ଯୁବତୀଙ୍କ ପରିଚୟ ମିଳିପାରିନାହିଁ। ଖବର ପାଇ ରାଜଗାଙ୍ଗପୁର ଜିଆର୍‌ପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ହକି ଟୁର୍ଣ୍ଣାମେଣ୍ଟ: ଏସ୍‌ଆରଏମ୍‌ଇ ସ୍କୁଲ ଚାମ୍ପିୟନ

**ଲହୁଣୀପଡ଼ା,୧୨।୧୨(ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଏଲାବେକା ଗ୍ରାମର ଡ୍ରିମ ଇଲେଭେନ କ୍ଲବ ପକ୍ଷରୁ ଆୟୋଜିତ ଚାରି ଦିନିଆ ହକି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ସଦସ୍ୟା ଲକ୍ଷ୍ମୀ କିଷାନ ମୁଖ୍ୟଅତିଥି, ରଣଜିତ ପାତ୍ର, ଏମ୍‌ଡ଼ି ସାମୁନୁ ସମ୍ମାନିତ ଅତିଥି ଏବଂ କୁମାର ଗୌତମ ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ପ୍ୟାରା ବାର୍ଲା ଏଥିରେ ଅଧକ୍ଷତା କରିଥିଲେ। ପ୍ରତିଯୋଗିତାରେ ମୋଟ ୩୪ଟି ଦଳ ଅଂଶଗ୍ରହଣ କରିଥିଲେ। ସ୍ୱାଧୀନ କ୍ଲବ ଜାମୁଡ଼ିହିକୁ ହରାଇ ଏସ୍‌ଆରଏମ୍‌ଇ ସ୍କୁଲ ରକ୍ସି ଚାମ୍ପିୟନ ହୋଇଥିଲା। ଆରପିପି ସେଭେନ ଷ୍ଟାର ପୁରୁଣାପାଣି ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା। ବିଜେତା, ଉପ ବିଜେତା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆଦିବାସୀ ନୃତ୍ୟ ପ୍ରଦର୍ଶନ ହୋଇଥିଲା।

### ରାଷ୍ଟ୍ରୀୟ ଲୋକ ଅଦାଲତ: ୧୧୫ ମାମଲାର ବିଚାର

**ଦେବଗଡ଼,୧୨।୧୨(ଡି.ଏନ୍.ଏ.):** ସ୍ଥାନୀୟ ଜିଲା ନ୍ୟାୟାଳୟ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧକ୍ଷ ବିଜୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅତିରିକ୍ତ ଜିଲାଜଜ ଶ୍ରୀନିବାସ ପଢ଼ିଆରୀ, ସିଜେଏମ୍ ଚିନ୍ମୟ ଗୋଚ୍ଛାୟତ, ବରିଷ୍ଠ ସିଭିଲ ଜଜ୍ ମିସ୍ ଶିବାନୀ, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଶିଲା ପ୍ରିୟଦର୍ଶାନୀ ପଣ୍ଡା, ରେଜିଷ୍ଟ୍ରାର ରମାକାନ୍ତ ମହାନ୍ତି, ଏସ୍‌ଡିଜେଏମ୍ ନେହା ଅଗ୍ରୱାଲା, ଜେଏମ୍‌ଏଫ୍‌ସି ଅବିନାଶ ନନ୍ଦ, ଜିଲା ଓକିଲ ସଂଘର ସଭାପତି ପ୍ରମଥେଶ ଗୁରୁ ଓ ସମ୍ପାଦକ ଟିକେଶ୍ୱର ଧଳ, ଜେଏମ୍‌ଏଫ୍‌ସି ତଥା ଟିଏଲଏସ୍‌ସି ଅଧକ୍ଷା (ରିଆମାଳ) ଦୀପାରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତରେ ମୋଟ ୧୧୫ଟି ମାମଲାର ବିଚାର କରାଯାଇଥିଲା।

# ନିର୍ମାଣ ଶ୍ରମିକଙ୍କ ଛାତ୍ରୀଛାତ୍ର ସମାବେଶ

- ୪ଦଫା ଦାବିନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର
- ବିଭାଗୀୟ କଲ୍ୟାଣ ବୋର୍ଡ ଅଧକ୍ଷଙ୍କୁ ଭେଟିବ ପ୍ରତିନିଧି ଦଳ

**ଝାରସୁଗୁଡା ଅଫିସ୍,୧୨।୧୨**

ଝାରସୁଗୁଡା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ଠାରେ ଧରମା ଫାଉଣ୍ଡେଶନ ତରଫରୁ ପ୍ରଗତିଶୀଳ ଶ୍ରମକ ମଞ୍ଚ ସହଯୋଗରେ ରବିବାର ନିର୍ମାଣ ଶ୍ରମିକଙ୍କ ହକ୍‌କୁ ନେଇ ଏକ ଛାତ୍ରୀଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅର୍ଥନୀତିଜ୍ଞ ଗୋଲଖ ବିହାରୀ ନାଥ ଅଧକ୍ଷତା କରିଥିଲେ। ଦିଲ୍ଲୀର ପୂର୍ବତନ ଶ୍ରମ କମିଶନର ଆର୍.ଏସ୍ ତିଓାରୀ ମୁଖ୍ୟଅତିଥି, ଏଲ୍‌ଏନ୍ କଲେଜ୍ ପ୍ରାଧ୍ୟାପକ ତପନ ବାରିକ ମୁଖ୍ୟବକ୍ତା, ସୁରେଶ ତ୍ରିପାଠୀ, ଦୁଷ୍ମନ୍ତ ଲୋକଚାନ୍ଦନୀ, ଅରୁଣ ଖୁଣ୍ଟିଆ ଓ ଆବାହକ ସୁଷମା ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହାକୁ ପ୍ରଗତିଶୀଳ ଶ୍ରମିକ ମଞ୍ଚ ରାଜ୍ୟ ସାଧାରଣ ସମ୍ପାଦକ ରକ୍ଷାକର ଅନୁପମ ସଂଯୋଜନା କରିଥିଲେ। ଏଥିରେ ଅର୍ଥନୀତିଜ୍ଞ ନାଥ ତାଙ୍କ ବକ୍ତବ୍ୟରେ କହିଥିଲେ, ନିର୍ମାଣ ଶ୍ରମିକଙ୍କ ପାଠପଢୁଥିବା ପୁଅଝିଅ (ଛାତ୍ରୀଛାତ୍ର)ଙ୍କୁ ସରକାର ଶିକ୍ଷା ବୃତ୍ତି ଯୋଗାଇ ଆସୁଥିଲେ । କରୋନା ମହାମାରୀ ଯୋଗୁ ଏବେ ଏହାକୁ ବନ୍ଦ କରିଦିଆଯାଇଛି। ଏଥିରେ ସୁଧାର ଆସିଥିବାବେଳେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପ୍ରଦତ୍ତ ଶିକ୍ଷା ବୃତ୍ତି ଛାତ୍ରୀଛାତ୍ରଙ୍କ ଉପଲବ୍ଧ ହେଉନାହିଁ। ଯେଉଁ ଲକ୍ଷ୍ୟରେ ଏହି ଶିକ୍ଷା ବୃତ୍ତି ଆରମ୍ଭ କରାଯାଇଥିଲା ଏହା ଏବେ ଛାତ୍ରୀଛାତ୍ରଙ୍କ ପାଇଁ ମୂଲ୍ୟହୀନ ହୋଇଛି। ଏଥିମଧ୍ୟରେ ଉଚ୍ଚଶିକ୍ଷା ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ଯେଉଁ ଶିକ୍ଷା ବୃତ୍ତି ଦିଆଯାଉଛି ତାହା ବହୁ କମ୍ ରହିଛି । କରୋନା ସମୟରେ ନିର୍ମାଣ ଶ୍ରମିକମାନଙ୍କୁ ୨ଟି ପର୍ଯ୍ୟାୟରେ ୧୫ଶହ ଟଙ୍କା ଲେଖା ଆର୍ଥିକ ସହାୟତା ଦେବାପାଇଁ ସରକାର ଘୋଷଣା କରିଥିଲେ । ଏହି ସରକାରୀ ସହାୟତା କେତେକ ଶ୍ରମିକଙ୍କୁ ମିଳିଥିବାବେଳେ ଆଉ କେତେକ ଶ୍ରମିକ ଏହା ପାଇପାରିନାହାଁନ୍ତି। ଏଥିମଧ୍ୟରେ ଶ୍ରମିକଙ୍କ କାର୍ଡ ନବୀକରଣ ହୋଇପାରି ନ ଥିବାରୁ ସେମାନେ ବିଭିନ୍ନ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ଶ୍ରମିକମାନେ ବ୍ଲକ୍ କାର୍ଯ୍ୟାଳୟ ଓ ଶ୍ରମ କାର୍ଯ୍ୟାଳୟକୁ ବାରମ୍ବାର ଦୌଡିଦୌଡି ହଇରାଣ ହେଲେ ମଧ୍ୟ ସେମାନଙ୍କୁ ସୁଫଳ ମିଳୁନାହିଁ। ଏନେଇ ପ୍ରଗତିଶୀଳ ଶ୍ରମିକ ମଞ୍ଚ ତରଫରୁ ୪ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ୭ଜଣିଆ ପ୍ରତିନିଧି ଦଳ ଗଠନ କରାଯାଇଛି। ଏଥିରେ ବିଜୟ ନାୟକ, ମମତା କିଷାନ, କିରଣ କିଷାନ, ସୀମା ବାଗ୍, ବିଳାସିନୀ ଡୁଙ୍ଗଡୁଙ୍ଗ ଓ ସଙ୍ଗୀତା ଭୋଇ ପ୍ରମୁଖ ରହିଛନ୍ତି। ଏହି ପ୍ରତିନିଧି ଦଳ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷ ଓ ଡିଏଲ୍‌ସିଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବ ବୋଲି ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗଦେଇଥିଲେ।



ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

## ମହିଳାଙ୍କୁ ଅସଦାଚରଣ କରି ଯୁବକ ଗିରଫ

**କୁଚିଣ୍ଡା,୧୨।୧୨(ଡି.ଏନ.ଏ)**

କୁଚିଣ୍ଡା ଥାନା ଅନ୍ତର୍ଗତ ଗୁଣ୍ଡୁରୁଚୁଆଁ ପଞ୍ଚାୟତ ଘୋଡ଼ାବାନ୍ଧୁଣି ଗ୍ରାମର ଜଣେକା ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବିଶୋକ ନାୟକ(୪୧) ନାମକ ଯୁବକଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକ ଜଣକ ଦୀର୍ଘ ଦିନ ହେବ ଏହି ମହିଳାଙ୍କୁ ଅସଦାଚରଣ କରିବା, ଧମକଚମକ ଦେବା,ମାଡ ମାରିବା ସହ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ରବିବାର ପୂର୍ବଭଳି ରାସ୍ତାରେ ଅଟକାଇ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲା। ମହିଳା ଜଣକ ଏହାର ପ୍ରତିବାଦ କରିବାରୁ ଯୁବକ ଜଣକ ମହିଳାଙ୍କୁ ମାଡ଼ମାରିବା ସହ ତାଙ୍କର ମୋବାଇଲ ଭାଙ୍ଗିଦେଇଥିବା ସେ କୁଚିଣ୍ଡା ଥାନାରେ ରିପୋର୍ଟ କରିଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ବିଶୋକଙ୍କୁ ଗିରଫ କରିଥିଲେ।

## ଧାନ ବିଲରୁ ଗଳିତ ମୃତଦେହ ଉଦ୍ଧାର

**କୋଲାବିରା,୧୨।୧୨(ଡି.ଏନ.ଏ.)**

ରବିବାର ସକାଳେ ଧାନ କାଟିବାକୁ ଯାଇ ଏକ ଗଳିତ ମୃତଦେହ ଧାନ କିଆରି ଭିତରେ ପଡିରହିଥିବା ଦେଖିବାକୁ ପାଇ ପରମାଣପୁର ଗ୍ରାମର ଲୋକେ ପୋଲିସକୁ ସୂଚନା ଦେଇଥିଲେ। କୋଲାବିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଗଳିତ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ଏସଂକ୍ରାନ୍ତରେ କୋଲାବିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ବନବିଭାଗ ଦ୍ୱାରା ଜଣେ ଗିରଫ

**ରେଢାଖୋଲ,୧୨।୧୨(ଡି.ଏନ.ଏ)**

ରେଢାଖୋଲ ବନଖଣ୍ଡର ବଡମାଲ ରେଞ୍ଜ ଅଧିନ ରେଙ୍ଗାଲି ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁଶିକାର କରିବା ଉଦ୍ଦେଶ୍ୟରେ ୩୩କେଭି ଇଲେକ୍ଟ୍ରିକ ପୋଲରୁ ତାର ବିଛାଉଥିବା ବେଳେ ବନବିଭାଗ ହାବୁଡରେ ପଡି ଜଣେ ଗିରଫ ହୋଇଛନ୍ତି। ସେ ହେଲେ ପିପିଲିକାନି ଗ୍ରାମର ରାଜକୁମାର ମିର୍ଦ୍ଧା ବୋଲି ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି। ତାଙ୍କଠାରୁ ଏକ ସାଇକେଲ, ପ୍ଲାଷ୍ଟିକ ରଶି ଓ ବିଦ୍ୟୁତ୍ ତାର ଜବତ କରାଯାଇଛି।

## ଇନ୍‌ଟ୍ରା କ୍ଲବ କ୍ରିକେଟ: ରାଇଜିଂ ଷ୍ଟାର ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଦେବଗଡ଼,୧୨।୧୨(ଡି.ଏନ.ଏ.)**

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ଦେବଗଡ଼ ଜିଲା ଇନଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ପଞ୍ଚମ ଦିବସ। ଏହି ମ୍ୟାଚରେ ରାଇଜିଂ ଷ୍ଟାର ଦେବଗଡ଼ ୯୪ ରନରେ ଷ୍ଟାର ଇଲେଭେନକୁ ପରାସ୍ତ କରି ବିଜୟୀ ହୋଇଛି। ରାଇଜିଂ ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୫ ଓଭରରେ ୯ ଉଇକେଟ ହରାଇ ୨୪୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ଭଞ୍ଜ ୬୬, ଦୁଷ୍ମନ୍ତ ସାହୁ ୩୮ ଓ ଉମାକାନ୍ତ ବେହେରା ୩୪ରନ କରିଥିଲେ। ଷ୍ଟାର ଇଲେଭେନ ଦଳର ରିପନ ସାହୁ ୩ଟି, ପ୍ରକାଶ ସାହୁ ଓ ସିପୁନ ପ୍ରଧାନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଷ୍ଟାର ଇଲେଭେନ ଦଳ ବ୍ୟାଟିଂ କରି ୨୮ଓଭରରେ ସମସ୍ତ ଉଇକେଟ ହରାଇ ୧୪୬ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ବିକ୍ରମ କେଶରୀ ସ୍ୱାଇଁ ୫୧ରନ କରିଥିଲେ। ରାଇଜିଂ ଷ୍ଟାର ଦଳର ସୌମ୍ୟରଞ୍ଜନ ଭଞ୍ଜ, ଆନନ୍ଦ ଗଡ଼ତିଆ, ଧନଞ୍ଜୟ ଦୀପ ଓ ସୁରଜ କର୍ଣ୍ଣ ୨ଟି ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ ଦିଲୁ ଦସଭାୟା ଓ ଦୀପକ ପଟେଲ ପରିଚାଳନା କରିଥିଲେ। ସ୍କୋରର ଭାବେ ସୌମ୍ୟରଞ୍ଜନ ନାୟକ ଓ ରିତିକ ଦେହୁରୀ ଦାୟିତ୍ୱ ତୁଲାଇଥିଲେ।

## ରାଜ୍ୟସ୍ତରୀୟ ସିନିୟର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଝାରସୁଗୁଡା ଅଫିସ୍,୧୨।୧୨**

ଝାରସୁଗୁଡା ମଙ୍ଗଳବଜାରସ୍ଥିତ ପୌର ପରିଷଦ ଅଡିଟୋରିୟମରେ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ତରଫରୁ ଏକ ତ୍ରିଦିବସୀୟ ରାଜ୍ୟସ୍ତରୀୟ ସିନିୟର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ସମୁଦାୟ ୧୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୫ଇଭେଣ୍ଟ ଖେଳା ଯାଇଥିଲା। ଏଥିମଧ୍ୟରେ ପୁରୁଷ ସିଙ୍ଗଲ୍‌ସ୍ ଇଭେଣ୍ଟରେ ବାଲେଶ୍ୱରର ଆର୍ଯ୍ୟ ମାଝି ଚାମ୍ପିୟନ ହୋଇଥିଲେ। ମହିଳା ସିଙ୍ଗଲ୍‌ସ୍ ଇଭେଣ୍ଟରେ ଭୁବନେଶ୍ୱରର ତନଭି ପତ୍ରୀ ଚାମ୍ପିୟନ ହୋଇଥିଲେ। ପୁରୁଷ ଡବଲସ୍ ଇଭେଣ୍ଟରେ ଭୁବନେଶ୍ୱରର କେ. ମୁରଲୀ କ୍ରିଷ୍ଣା ସାଥୀ କଟକର ମାନସ ରଞ୍ଜନ ରାଉତରାୟ ଚାମ୍ପିୟନ ହୋଇଥିଲେ। ମହିଳା ଡବଲ୍‌ସ୍ ଇଭେଣ୍ଟରେ ଅନୁଗୋଳର ଅନୁଜା ଦାସ ମହାପାତ୍ର ଓ ତାଙ୍କ ସାଥୀ ସମ୍ବଲପୁରର ପୂର୍ବା ପ୍ରତ୍ୟାଷା ପଣ୍ଡା ଚାମ୍ପିୟନ ହୋଇଥିଲେ। ମିଳିତ ଡବଲ୍‌ସ ଇଭେଣ୍ଟରେ ଭୁବନେଶ୍ୱରର କେ ମୁରଲୀ କ୍ରିଷ୍ଣା ତାଙ୍କ ସାଥୀ ଅନୁଜା ଦାସ ମହାପାତ୍ର ଚାମ୍ପିୟନ ହୋଇଥିଲେ । ଏହି ବିଜୟୀ ଖେଳାଳୀଙ୍କୁ ଆୟୋଜକଙ୍କ ତରଫରୁ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଖେଳାଳୀଙ୍କୁ ରନର୍ସ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଫାଇନାଲ ଦିବସରେ ମୁଖ୍ୟଅତିଥି ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଝାରସୁଗୁଡା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ତଥା ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି,ସମ୍ପାଦକ ସୁଭମ ଶର୍ମା, ଓଡିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକ ନିଲିନ କୁମାର, ଯୁଗ୍ମ ସମ୍ପାଦକ ସନ୍ଦିପ ମିଶ୍ର, ପିଡବ୍ଲୁଡି ନିର୍ବାହୀଯନ୍ତ୍ରୀ ପ୍ରଦୀପ୍ତ ନାଥ, ବେଦାନ୍ତ ଅଧିକାରୀ ଅମିତ ସିଂହ, ଓପିଜିସି ଅଧିକାରୀ ଏନ୍.ଏନ୍ ଷଡଙ୍ଗୀ, ଟିଆର୍‌ଏଲ୍ କ୍ରୋସାକୀ ଅଧିକାରୀ ଡ.ସନ୍ତୋଷ ମିଶ୍ର, ଡିଏସ୍‌ଡବ୍ଲୁ ଅଧିକାରୀ ଡିକେ ସିହ୍ନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ସନ୍ଦିପ ଅଗସ୍ତି, ଜୀବନ ମହାନ୍ତି, ଦୀପକ ଶର୍ମା, ବିଜୟ ମୁନ୍ଦୁରା, କ୍ଷୀରୋଦ ଚନ୍ଦ୍ର ରାଉତ, ଜ୍ଞାନ ସ୍ୱାଇଁ, ନୃପଲାଲ୍ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ମହାନଦୀ କ୍ଲବରେ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ସମ୍ବଲପୁର ମହାନଦୀ କ୍ଲବଠାରେ ରବିବାର ଇନଟ୍ରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ-୨୦୨୧ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସଦର ଏସଡିପିଓ ପ୍ରଦୀପ କୁମାର ସାହୁ, ନାରାୟଣ ଅଗ୍ରୱାଲ, ଡ. ବିବି ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚରେ ଏ. ଅଗ୍ରୱାଲ ଓ ଅମିତ ଅଗ୍ରୱାଲ ଯୋଡି ଚାମ୍ପିୟନ ଏବଂ ଉମେଶ ପ୍ରଧାନ ଓ ପଞ୍ଚାନନ ବେହେରା ରନର୍ସ ଅପ୍ ଟ୍ରଫି ହାସଲ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ଟି ଯୋଡି ଭାଗ ନେଇଥିଲେ। ପ୍ରତାପ ମିଶ୍ରଙ୍କୁ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ଭାରତ ଗୌରବ ଦାଶ ମ୍ୟାଚ ରେଫରୀ ଥିଲେ। ପାଣିନୀ ପ୍ରାଞ୍ଜ, ପ୍ରମୋଦ କୁମାର ମହାପାତ୍ର ଓ ଶୁଭାଶିଷ ସରକାର ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।


ସମ୍ବଲପୁରରେ ଅତିଥିମାନେ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଖେଳାଳିମାନଙ୍କୁ ପୁରସ୍କୃତ କରୁଛନ୍ତି।

## ଏଲ୍‌ଆଇସି ପ୍ରଥମଶ୍ରେଣୀ କର୍ମଚାରୀଙ୍କ ବାର୍ଷିକ ଉତ୍ସବ



ସମ୍ବଲପୁର ମଣ୍ଡଳସ୍ତର ଅଧିକାରୀ ସଂଘର ବାର୍ଷିକ ଉତ୍ସବ।

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ଭାରତୀୟ ଜୀବନ ବୀମା ସମ୍ବଲପୁର ମଣ୍ଡଳ ସ୍ତରୀୟ ପ୍ରଥମଶ୍ରେଣୀ ଅଧିକାରୀ ସଂଘର ୩୩ ତମ ବାର୍ଷିକ ଉତ୍ସବ ରବିବାର ଅଇଁଠାପାଲି ସ୍ଥିତ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନୃସିଂହଚରଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସୁନୀଲ କୁମାର ତ୍ରିପାଠି ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ମଣ୍ଡଳ ମାର୍କେଟିଂ ମ୍ୟାନେଜର ଅଜୟ କୁମାର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜୋନାଲ ଅର୍ଗାନାଇଜର ସେକେଟ୍ରାରୀ ରମେଶ ଚନ୍ଦ୍ର ସାହାଣି, ଜାତୀୟ ସାଧାରଣ ସମ୍ପାଦକ ରାଜ କୁମାର, ଜୋନାଲ ସେକେଟ୍ରାରୀ ଧର୍ମେନ୍ଦ୍ର କୁମାର, ଜୋନାଲ ସଭାପତି ପ୍ରବୀର ରଥ ଭିଡିଓ କନଫ୍ରେନ୍ସ ମାଧରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏସ୍‌ଡିଏଲଆଇର ସାଧାରଣ ସମ୍ପାଦକ ମିନରଞ୍ଜନ ବିଶି, ଏସଟିଏସସି ୱେଲଫେୟାର ଆସୋସିଏଶନ ସାଧାରଣ ସମ୍ପାଦକ ଅକ୍ଷୟ ଭୋଇ, ରାମାନୁଜ ପଣ୍ଡା, ସୌଭାଗ୍ୟବନ୍ତ ମହାରଣା, ଦୟାନନ୍ଦ ପ୍ରଧାନ, ସିତାଂଶୁ ପଟ୍ଟନାୟକଙ୍କ ସମେତ ମଣ୍ଡଳ ଅନ୍ତର୍ଗତ ସମସ୍ତ ଶାଖାର ଅଧିକାରୀମାନେ ଯୋଗ ଦେଇଥିଲେ। ପରେ ସଂଘର ନୂତନ କର୍ମକର୍ତ୍ତା ପାଇଁ ନିର୍ବାଚନ ହୋଇଥିଲା। ଗତବର୍ଷ ସଭାପତି ଓ ସାଧାରଣ ସମ୍ପାଦକ ପୁନଃ ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବେ ଗୋକିଳି ବେହେରା, ନୃସିଂହ ଶବର, ରାଜେନ୍ଦ୍ର ବିଶ୍ୱାଳ, ସାଙ୍ଗଠନିକ ସମ୍ପାଦକ ପ୍ରତାପ ଚନ୍ଦ୍ର ଦେବତା, ଆଇଟି ସମ୍ପାଦକ କୃତିବାସ ପ୍ରଧାନ, ଯୁଗ୍ମ ସମ୍ପାଦକ ବିଜନ ମିଶ୍ର, ନିବେଦିତା ଘୋଷ ଓ ରାମେଶ୍ୱର ଟପ୍ପୋ, ସହ ସମ୍ପାଦକ ସୁଜନ ପଟେଲ, ଡିସି ହୋତା, ଜି.ଭୋରାସାଗର, ଅନୁପ ମିଶ୍ର, ମୋତିରାମ ମେହେର ନିର୍ବାଚିତ ହୋଇଛନ୍ତି । ମହିଳା କନଭେନର ଭାବେ କୃଷ୍ଣପ୍ରିୟା ବଳ ମନୋନୀତ ହୋଇଛନ୍ତି । ଶେଷରେ ଗୋକୁଳି ଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବଡ଼ଗାଁ ଆଇଟିଆଇରେ ସ୍କାଉଟ୍ ଗାଇଡ୍ସର ଶପଥ ପାଠ

**ବଡ଼ଗାଁ,୧୨।୧୨(ଡି.ଏନ୍.ଏ.)**

ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ରରେ ସ୍କାଉଟ ଗାଇଡ୍ସର ନବାଗତ ଛାତ୍ରୀଛାତ୍ରଙ୍କ ଶପଥ ପାଠ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ବଡ଼ଗାଁ ଥାନା ପରିସରରେ ଆଇଆଇସି ବୀରକିଶୋର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆଇଟିଆଇ ସ୍କାଉଟ ଗାଇଡ୍ସ ପକ୍ଷରୁ ୩୦ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଶପଥ ପାଠ କାର୍ଯ୍ୟକ୍ରମରେ ବିଡିଓ କ୍ଷମାନିଧୀ ଭୋଇ, ଅଧ୍ୟାପକ ହେମନ୍ତ ପଣ୍ଡା, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ମିଞ୍ଜ, ଗ୍ଲୋବାଲ ଆଇଟିଆଇ ନିର୍ଦ୍ଦେଶକ ସୀମାଞ୍ଚଳ ପଣ୍ଡା, ଦେବଗଡ ଆଇଟିଆଇ ନିର୍ଦ୍ଦେଶକ ପ୍ରଭାତ କୁମାର ସାହୁ, ଘୋରାଇ ଆଇଟିଆଇ ସଂଘ ଜୋନାଲ ସମ୍ପାଦକ ବିରେନ୍ଦ୍ର ପାଢ଼ୀ, ଯୁଗ୍ମ ସମ୍ପାଦକ ସାଧୀନ ନାୟକ, ରାଷ୍ଟ୍ରୀୟ ଅଧକ୍ଷ ମେହମୁଦ ଅହମଦ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଭାରତ ସ୍କାଉଟ୍ ଗାଇଡ୍ସ କମିଶନର ତଥା ବଡ଼ଗାଁ ଆଇଟିଆଇ ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ।

## ନିଯୁକ୍ତି ଉପଯୋଗୀ ତାଲିମ ଦେଉଛି ସୁଦକ୍ଷ

- ୩ କେନ୍ଦ୍ରରେ ଚାଲିଛି ମାଗଣା କୋଚିଂ
- ୨୪୫ ଜଣଙ୍କୁ ମିଳିଛି ନିଯୁକ୍ତି ସୁଯୋଗ

**ସୁନ୍ଦରଗଡ଼,୧୨।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲାର ଶିକ୍ଷିତ ଯୁବତୀ ଯୁବକଙ୍କ କ୍ୟାରିୟର ସ୍ୱପ୍ନ 'ସୁଦକ୍ଷ' କାର୍ଯ୍ୟକ୍ରମ ମାଧ୍ୟମରେ ପୂରଣ ହୋଇପାରୁଛି। ୨୦୨୧ ଫେବୃୟାରିରୁ ଆରମ୍ଭ ହୋଇଥିବା ଏହି ବିଶେଷ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ୩ଟି ବ୍ୟାଚର କୋଚିଂ ଶେଷ ହୋଇଛି। ଏଥିଲାଗି ଥିବା ସୁନ୍ଦରଗଡ଼, ବଣାଇଁ ଏବଂ ରାଉରକେଲା କେନ୍ଦ୍ରରୁ ମାଗଣା କୋଚିଂ ନେଇ ୨୪୫ ଜଣ ପ୍ରାର୍ଥୀ ବିଭିନ୍ନ ସରକାରୀ ଓ ଘରୋଇ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି।

ସୂଚନାଯୋଗ୍ୟ, ଜିଲାର ଖଣି ପ୍ରଭାବିତ କୋଇଡ଼ା, ରାଜଗାଙ୍ଗପୁର, କୁତ୍ରା, ଲହୁଣୀପଡ଼ା, ହେମଗିରି ଓ କୁଆଁରମୁଣ୍ଡା ବ୍ଲକର ପ୍ରାର୍ଥୀଙ୍କ ସହ ଅନୁସୂଚିତ ଜାତି ଓ ଜନଜାତି ଏବଂ ବିପିଏଲ କାର୍ଡଧାରୀ ପରିବାରର ପିଲାଙ୍କୁ ନାମଲେଖା ବେଳେ ଅଗ୍ରାଧିକାର ଦିଆଯାଉଛି। ପ୍ରାର୍ଥୀମାନଙ୍କୁ ମାଗଣାରେ କୋଚିଂ ସହ ହଷ୍ଟେଲରେ ରହିବା, ଖାଇବା ଏବଂ ୟୁନିଫର୍ମ ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି। ଫଳରେ ଜିଲାର ଗରିବ, ଆଦିବାସୀ ଓ ସାଧାରଣ ପରିବାରର ଶିକ୍ଷିତ ଯୁବତୀ ଯୁବକ ନିଜର ଦକ୍ଷତା ବିକାଶ କରି ବିଭିନ୍ନ ସରକାରୀ ଓ ଘରୋଇ ସଂସ୍ଥାରେ ଚାକିରି ଲାଗି ସୁଯୋଗ ପାଇପାରୁଛନ୍ତି।

## ଫୁଟବଲ: ଚମ୍ପାଗଡ଼, ୟୁନାଇଟେଡ୍ ସ୍ପୋର୍ଟିଂ ଚାମ୍ପିୟନ

**ରାଉରକେଲା ଅଫିସ,୧୨।୧୨**

ରାଉରକେଲା ସେକ୍ଟର-୧୫ ସ୍ଥିତ ସାରଣା ସ୍ପୋର୍ଟିଂ କ୍ଲବ ପକ୍ଷରୁ ଜିଲାସ୍ତରୀୟ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ବାଳକ ଦଳ ପକ୍ଷରୁ ହମିରପୁର କିଶୋର କ୍ଲବ ଓ ଏନ୍‌ଏସ୍‌ୱାଇସି ଚମ୍ପାଗଡ଼ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଚମ୍ପାଗଡ ଦଳ ୫-୩ ପେନାଲ୍‌ଟି ଗୋଲ ଦେଇ ବିଜୟୀ ହୋଇଥିଲା। ସେହିପରି ଭେଟେରାନ ଦଳ ପକ୍ଷରୁ ମର୍ନିଂ ଷ୍ଟାର କ୍ଲବ ଓ ୟୁନାଇଟେଡ୍ ସ୍ପୋର୍ଟିଂ କ୍ଲବ ଜଲଦା ମଧ୍ୟରେ ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଏଥିରେ ୟୁନାଇଟେଡ୍ ସ୍ପୋର୍ଟିଂ କ୍ଲବ ୨-୦ ଗୋଲରେ ମର୍ନିଂ ଷ୍ଟାର ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଭାନୁ ବାଉରୀ, ସବୀର ଗରୁଡ଼, ଶୁଶାନ୍ତ ଛେତ୍ରୀ, ସାମୁ ହାସଁଦା ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟନିର୍ବାହୀ ଅଧିକାରୀ ପି. କେ ଶତପଥୀ ମୁଖ୍ୟଅତିଥି, ସାମାଜିକ କର୍ମୀ ହରିହର ରାଉତରାୟ, ଜୟନ୍ତୀ ଦାସ, ସନ୍ତୋଷ କୁମାର ତନ୍ତୀ, ସୁଧୀର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳଙ୍କୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟର ବାଳକ ବିଭାଗରେ ୧୬ଟି ଦଳ ଓ ଭେଟେରାନ୍ ବିଭାଗରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ।


ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅତିଥିଗଣଙ୍କ ସହ ଖେଳାଳି।

**ନେଗିପାଲିରେ ହାତୀ ଉପଦ୍ରବ**

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଗତ ୩ ସପ୍ତାହ ହେବ ହାତୀ ଉପଦ୍ରବ ଲାଗି ରହିଛି। ଶନିବାର ରାତିରେ ହାତୀ ନେଗିପାଲି ଅଞ୍ଚଳରେ ଉପଦ୍ରବ ଚଳାଇଥିବା ଅଭିଯୋଗ ହୋଇଛି। ଝାରବନ୍ଧଲି ମୌଜାରେ ଥିବା ନେଗିପାଲି ଗ୍ରାମର ଘନ କରନଙ୍କ ପ୍ରାୟ ୩ଏକର ଏବଂ ଅନ୍ୟ କେତେକ ଚାଷୀଙ୍କ ଚାଷ ଜମିକୁ ହାତୀପଲ ଖାଇବା ସହ ମାଡି ଚକଟି ନଷ୍ଟ କରଛନ୍ତି। ଗ୍ରାମର ଏକ କୁକୁଡା ଫର୍ମର ଆଜବେଷ୍ଟସକୁ ମଧ ହାତୀପଲ ଭାଙ୍ଗି ପକାଇଛନ୍ତି। ରବିବାର ହାତୀପଲ ନେଗିପାଲି ଶାଗୁଆନ ବଣରେ ରହିଥିବା ବନ ବିଭାଗ ସୂତ୍ରରୁ ଜଣାଯାଇଛି।

## ସଂକ୍ଷେପରେ

### ନାବାଳିକା ଅପହରଣ ଅଭିଯୋଗ, ଜଣେ ଗିରଫ

ଲାଞ୍ଜିଗଡ଼,୧୨।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ବିଶ୍ୱନାଥପୁର ଥାନାଞ୍ଚଳର ଜଣେ ନାବାଳିକାକୁ ଅପହରଣ କରିବା ଅଭିଯୋଗରେ ଜଣେ କ୍ରଶର କର୍ମଚାରୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବିହାର ବୁଧାମ ସାହାଣୀ। ଥାନାରେ ମାମଲା ରୁଜୁ ହୋଇଛି। ନାବାଳିକା ଜଣକ ଗାଁ ନିକଟରେ ଛେଳି ଚରାଉଥିବାବେଳେ ପୋଖରୀବନ୍ଧସ୍ଥିତ ଷ୍ଟୋନ କ୍ରଶର ଅସ୍ଥାୟୀ କର୍ମଚାରୀ ସାହାଣୀ ଅପହରଣ ଉଦ୍ୟମ କରୁଥିଲେ। ସେ ଚିତ୍କାର କରିବାରୁ ପାଖରେ କାଠ କାଟୁଥିବା ନାବାଳିକାଙ୍କ ବାପା ପହଞ୍ଚିଥିଲେ। ଗାଁ ଲୋକେ ବୁଧାମଙ୍କୁ ଅଟକ ରଖି ବିଶ୍ୱନାଥପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ବୁଧାମଙ୍କୁ ଥାନାକୁ ନେଇଥିଲେ। ନାବାଳିକାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ ହୋଇଛି।

### ଧାନଶିଳ୍ପ ତାଲିମକେନ୍ଦ୍ର ଉଦ୍‌ଘାଟିତ

ଦେଓଗାଁ,୧୨।୧୨(ଡି.ଏନ.ଏ): ଦେଓଗାଁ ବ୍ଲକ ସିଆଲବାହାଲିରେ ନେହେରୁ ଯୁବକେନ୍ଦ୍ର ଓ ସ୍ଥାନୀୟ କୋଶଳୀ ଲୋକନୃତ୍ୟ ଏକାଡେମୀ ଆନୁକୂଲ୍ୟରେ ରବିବାର ଧାନ ଶିଳ୍ପ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ହଳଧର ସୁନାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା ଯୁବ ସଂଯୋଜକ ଟି. ନରସିଂହା ମୁଖ୍ୟଲିଖନ ଅଧିକାରୀ ବିପିନ ବିହାରୀ ଜେନା, ଏମବିକେ ସଞ୍ଜିବିତା ସୁନା, ସାମାଜିକ କର୍ମୀ ଜାନକୀ ମେହେର ଯୋଗଦେଇଥିଲେ। ମହିଳାମାନେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ତାହା ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ଏହି କେନ୍ଦ୍ର ପ୍ରତିଷ୍ଠା ପରେ ଅଞ୍ଚଳର ମହିଳାମାନେ ଆଗକୁ ଧାନ ଉପରେ ବିଭିନ୍ନ ସୌଖୀନ ଜିନିଷ ପ୍ରସ୍ତୁତ କରି ଅର୍ଥରୋଜଗାର କରିପାରିବେ ବୋଲି କହିଥିଲେ। ଗାଁର କହ୍ନେଇ ଗଡନଡିଆଙ୍କ ହସ୍ତ ନିର୍ମିତ ଧାନର ଗଣେଷ ମୂର୍ତ୍ତି ରାଷ୍ଟ୍ରପତି ଭବନକୁ ଯିବାପାଇଁ ମନୋନୀତ ହୋଇଥିବା ଏକ ଗର୍ବର ବିଷୟ ବୋଲି ମତପ୍ରକାଶ ପାଇଥିଲା । ପ୍ରତିଷ୍ଠାତା ସମ୍ପାଦକ ଧରଣୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୂର ହେବ ପଥର୍ଲାର ପାନୀୟ ଜଳ ସମସ୍ୟା

କେସିଙ୍ଗା,୧୨।୧୨(ଡି.ଏନ.ଏ.)

■୪ ମାସ ପରେ ମିଳବ ପାନୀୟ ଜଳ

■ପାଣି ଟାଙ୍କି ନିର୍ମାଣ ଚାଲିଛି

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ପଥର୍ଲା ପଞ୍ଚାୟତ ପଥର୍ଲା ଓ କଲୋନୀପଡାରେ ନୂତନ ଭାବେ ପାନୀୟ ଜଳ ପାଇପ ଲାଇନ ସଂଯୋଗ ନିମନ୍ତେ ଏକ ପାଣି ଟାଙ୍କି ନିର୍ମାଣାଧୀନ ରହିଛି। ଗ୍ରାମର ଲୋକମାନେ ପାନୀୟ ଜଳ ପାଇଁ ବହୁତ ହଇରାଣ ହେଉଛନ୍ତି। ଏହି ଗ୍ରାମରେ ୧୫ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଲୋକ ସଂଖ୍ୟା ଦୃଷ୍ଟିରୁ ଏଠି ୬ଟି ନଳକୂଅ ରହିଛି। ନଳକୂଅଠାରୁ ଠିକ ଭାବେ ପାଣି ବାହାରୁ ନାହିଁ। ଗ୍ରାମର ମହିଳାମାନେ ଭୋରୁ ନଳକୂଅରେ ଧାଡ଼ି ପାନୀୟଜଳ ସଂଗ୍ରହ କରିଥାନ୍ତି। ଗାଧୋଇବାକୁ ହେଲେ ଅଧା କିମି ଦୂର ବହାଦୁରପଦର ଗ୍ରାମ ପୋଖରୀକୁ ଯାଇଥାନ୍ତି। ପାନୀୟ ଜଳ ସମସ୍ୟା ନେଇ


ନିର୍ମାଣାଧୀନ ପାଣିଟାଙ୍କି।

କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁ ଓ ଆରଡବ୍ଲୁଏସଏସ ଯନ୍ତ୍ରୀଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ନେଇ ବିଡିଓଙ୍କ ସହିତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗକୁ ନେଇ ଯନ୍ତ୍ରୀ ଦେବେନ୍ଦ୍ର କୁମାର ସେଠୀ ଗ୍ରାମ ପରିଦର୍ଶନ କରି ଲୋକଙ୍କ ସହିତ ପାନୀୟ ଜଳ ବିଷୟରେ ଆଲୋଚନା କରିଥିଲେ। ପାନୀୟ ଜଳ ସମସ୍ୟା ଦୂର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ୫୦ ବର୍ଷ ପରେ ଓ କଲୋନୀପଡାଙ୍କ ପାଇଁ କେସିଙ୍ଗା ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଏକ କୋଟି ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପାଣିଟାଙ୍କି ନିର୍ମାଣାଧୀନ ରହିଛି ଇନଟେକ ୱେଲ। ଉକ୍ତ ଗ୍ରାମର ଗ୍ରାମପଞ୍ଚାୟତ ନିକଟରେ ଥିବା ଓଭରହେଡ ପାଣି ଟାଙ୍କି ସହିତ ତେଲନଦୀ ନିକଟରେ ଏକ ଇନ୍‌ଟେକ ୱେଲ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଛି। ପାଇପ ଲାଇନ ସଂଯୋଗ ପାଇଁ କାମ ଶେଷ ହେବାକୁ ବସିଲାଣି। ପାଇପ ଲାଇନ ସଂଯୋଗ ହେଲେ କଲୋନୀପଡା ଓ patharla ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂର ହେବ। ପାଇପ ଲାଇନ ସଂଯୋଗ ପାଇଁ ମଧ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଇଛି। ଏ ସଂକ୍ରାନ୍ତରେ ଆରଡବ୍ଲୁଏସଏସ ଯନ୍ତ୍ରୀ ଦେବେନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ ୩ରୁ ୪ମାସ ମଧ୍ୟରେ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ।

# ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବଳାତ୍କାର

ଲୋଇସିଂହା,୧୨।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ରବିବାର ଜଣେ ମାନସିକ ବିକାରଗ୍ରସ୍ତ ମହିଳା ବଳାତ୍କାରର ଶିକାର ହୋଇଛନ୍ତି। ପୀଡିତାଙ୍କୁ କେତେକ ସ୍ୱେଚ୍ଛାସେବୀ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାର ତନାଘନା ଚଳାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି । ପୋଲିସ ସୂଚନାମତେ, ରବିବାର ସକାଳେ ଲୋଇସିଂହା ଥାନା ଅନ୍ତର୍ଗତ ସୁଜିଆ ଗାଁରେ ଥିବା ଏକ ବାହାଲି ଜମିରେ ଜଣେ ମହିଳା ମୂମୂର୍ଷୁ ଅବସ୍ଥାରେ ପଡିଥିବା କେତେକ ଲୋକେ ଦେଖିଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇଁ ସ୍ଥାନୀୟ ମାହେଶ୍ୱରୀ ସଂଗଠନ ସଭାପତି ଦେବାଶିଷ ବିଶୋଇ ଏବଂ ପତିଞ୍ଜା ସମାଜସେବା ସଂଗଠନ ସଭାନେତ୍ରୀ ବନୀ ପଧାନ ଓ ସଦସ୍ୟମାନେ ଘଟଣାସ୍ଥଳରୁ ମହିଳାଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମହିଳା ଜଣକ ଗାଁର ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିବା ନେଇ କହିଥିଲେ। ଏହା ପରେ ସ୍ୱେଚ୍ଛାସେବୀମାନେ ବଲାଙ୍ଗୀରରେ ରହୁଥିବା ପୀଡିତାଙ୍କ ସମ୍ପର୍କୀୟଙ୍କୁ ଜଣାଇଥିଲେ । ଖବର ପାଇ ସେମାନେ ଡାକ୍ତରଖାନାରେ ପହଞ୍ଚିବା ପରେ ସନ୍ଧ୍ୟାରେ ଏ ନେଇ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟିମ୍ ଡାକ୍ତରଖାନାରେ ପହଞ୍ଚି ପୀଡିତାଙ୍କୁ ପଚରାଉଚରା କରିଥିଲା। ଏହି ସମୟରେ ସେ ଅଭିଯୁକ୍ତଙ୍କ ନାମ କହିଥିଲେ। ଅବିବାହିତ ଥିବା ସମ୍ପୃକ୍ତ ୫୫ବର୍ଷୀୟା ମହିଳା ଗାଁରେ ଏକୁଟିଆ ରହୁଛନ୍ତି। ଦୀର୍ଘଦିନ ହେବ ତାଙ୍କର ମାନସିକ ସ୍ଥିତି ନାହିଁ। ଶନିବାର ରାତିରେ ଘର ବାରଣ୍ଡାରେ ଶୋଇଥିବା ବେଳେ ଅଭିଯୁକ୍ତ ତାଙ୍କୁ ସେଠାରୁ ଉଠାଇ ନେଇ ଏକ ଖେତରେ ବଳାତ୍କାର କରିଥିବା ପୀଡିତାଙ୍କ ପୁତୁରା ଏତଲାରେ ଦର୍ଶାଇଛନ୍ତି। ଏ ନେଇ ଆଇଆଇସି ରମାକାନ୍ତ ଜେନାଙ୍କୁ ପଚାରିବାରୁ ଅଭିଯୋଗ ଅନୁଯାୟୀ ଘଟଣାର ତଦନ୍ତ ଚାଲିଛି। ସୋମବାର ପୀଡିତାଙ୍କ ଡାକ୍ତରୀମାଇନା କରାଯିବ ବୋଲି ସେ କହିଛନ୍ତି।

# ଖାଲି ପଡ଼ିଛି ଶିକ୍ଷକ ପଦବୀ, ପାଠପଢା ପ୍ରଭାବିତ

ଲାଠୋର, ୧୨।୧୨(ଡି.ଏନ.ଏ.)

**ଲାଠୋର ସରକାର ନୋଡାଲ ଉଚ୍ଚ ବିଦ୍ୟାଳୟ**

ବଲାଙ୍ଗୀର ଜିଲା ଲାଠୋର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଏବେ ଶିକ୍ଷକ ଅଭାବଜନିତ ସମସ୍ୟା ଦେଇ ଗତି କରୁଛି। ୨୦୧୭ ମସିହାରେ ସରକାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟରେ ମିଶାଇ ଦେବାକୁ ନିଷ୍ପତ୍ତି ନେଲେ। ଏଥିଯୋଗୁ ଲାଠୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ ହେଲା। ଫଳରେ ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ପିଲା ପାଠ ପଢିବାର ବ୍ୟବସ୍ଥା କରାଗଲା। ୬ଷ୍ଠ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୪ଜଣ ଶିକ୍ଷୟିତ୍ରୀଶିକ୍ଷକ ଏଠାରେ ନିଯୁକ୍ତ ଥିଲେ। ଏପ୍ରିଲ ୨୦୧୮ରେ ଶିକ୍ଷକ ଧନେଶ୍ୱର ବଣିଆ ଅବସର ନେଲେ। ଫେବୃୟାରୀ ୨୦୨୦ରେ ଶିକ୍ଷକ ସତ୍ୟବନ୍ତ ଭୋଇ ଇସ୍ତଫା ଦେଇ ଅନ୍ୟତ୍ର ଚାଲିଗଲେ। ୨୦୨୧ ଅକ୍ଟୋବରରେ ସର୍ବେଶ୍ୱର ମିଶ୍ର ଏବଂ ବିଶାଖା ନାଏକ ପଦୋନ୍ନତି ପାଇ ଅନ୍ୟ ବିଦ୍ୟାଳୟକୁ ବଦଳି ହେବା ପରେ ଷଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ଶିକ୍ଷକ ରହିଲେ ନାହିଁ। ୨୫ ଅକ୍ଟୋବରରେ ଅଷ୍ଟମ ଏବଂ ୧୫ ନଭେମ୍ବରରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଠପଢା ଆରମ୍ଭ ହୋଇଥିଲେ ମଧ ଏଠାରେ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ସେହିପରି ୯ମ ଓ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ସିବିଜେଡ ଶିକ୍ଷକ ପଦବୀ ଖାଲି ପଡିଛି। ଫଳରେ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନେ ପିଲାଙ୍କୁ ପାଠ ପଢାଇବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତଙ୍କୁ ପଚାରିବାରୁ ଯଥାଶୀଘ୍ର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବୁ ବୋଲି କହିଛନ୍ତି।

# ଅନ୍‌ଲାଇନରେ ନ କରି ଅଫ୍‌ଲାଇନ କରିବାକୁ ଦାବି

ଜୁନାଗଡ,୧୨।୧୨(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଏସ୍‌ଟି/ଏସ୍‌ସି ଡେଭୋଲୋ ପମେଣ୍ଟ ଓ ବେକୱାର୍ଡ କ୍ଲାସେସ ୱେଲଫେର ବିଭାଗ ପକ୍ଷରୁ ନବମ ଓ ଦଶମ ଏସ୍‌ସି, ଏସଟି ଓ ଓବିସି ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରିମେଟ୍ରିକ ସ୍କୋଲାରଶିପ୍ ପ୍ରଦାନ କରିବା ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଏହା ଅଫ୍‌ଲାଇନ ମାଧ୍ୟମରେ ହେଉଥିବାବେଳେ ୨୦୨୧-୨୨ ବର୍ଷ ପାଇଁ ଅନଲାଇନ ମାଧ୍ୟମରେ ହେଉଛି। ଏହାକୁ ନେଇ ଛାତ୍ରୀଛାତ୍ର ଦ୍ୱନ୍ଦରେ ପଡିଛନ୍ତି। ଅପ୍‌ଲାଇନରେ ଆଧାର କାର୍ଡ ସହ ନାମ ତ୍ରୁଟି ଥିଲେ ମଧ ଛାତ୍ରୀଛାତ୍ର ସ୍କୋଲାରଶିପ୍ ପାଉଥିଲେ। ଏବେ କିନ୍ତୁ ଅନ୍‌ଲାଇନ ମାଧ୍ୟମରେ ହେବା ପରେ ଆଧାରକାର୍ଡର ଟିକିଏ ତ୍ରୁଟି ପାଇଁ ଛାତ୍ରୀଛାତ୍ରଙ୍କ ଫର୍ମ ପ୍ରୋସେସିଙ୍ଗ ହେଉ ନ ଥିବାରୁ ସ୍କୋଲାରଶିପ୍‌ରୁ ବଞ୍ଚିତ ହେବା ଆଶଙ୍କା ଦେଖାଦେଉଛି।

# ବଲାଙ୍ଗୀର ନାଗରିକ କମିଟିର ନୂତନ କର୍ମକର୍ତ୍ତା

ବଲାଙ୍ଗୀର ଅଫିସ,୧୨।୧୨

**ବେଲାର ସିଂ ସଭାପତି, ମନୋରଞ୍ଜନ ସାଧାରଣ ସମ୍ପାଦକ**


ସଭାପତି ବେଲାର ସିଂ ଭୋଇ।


ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ।

ବଲାଙ୍ଗୀର ନାଗରିକ କମିଟିର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ସଭା ରବିବାର ସ୍ଥାନୀୟ ଆଇନ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଓ ଉପସଭାପତି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସଭାପତିଭାବେ ବେଲାର ସିଂ ଭୋଇ, ଉପସଭାପତିଭାବେ ନିତ୍ୟାନନ୍ଦ ମିଶ୍ର ବିଜୟୀ ହୋଇଥିଲେ। ସାଧାରଣ ସମ୍ପାଦକ କୋଶଲବାଦୀ ନେତା ମନୋରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ଚକ୍ରପାଣି ଦାସ ଏବଂ କୋଷାଧ୍ୟକ୍ଷଭାବେ ଗଜେନ୍ଦ୍ର ତ୍ରିଭୁବନ ଦାସ ଭ୍ରମର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୧୧ଜଣିଆ କାର୍ଯ୍ୟକାରୀ କମିଟି ସଭ୍ୟ ପଦ ପାଇଁ ୧୪ଜଣ ସଭ୍ୟ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ଜୟରାମ ମିଶ୍ର, ପଙ୍କଜିନୀ ପଣ୍ଡା, ଗୋପଭୂଷଣ ନାଥ, ଗୋପବନ୍ଧୁ ପୁରୋହିତ, ପର୍ଶୁରାମ ନାୟକ, ଧର୍ମବ୍ରତ ରଥ, ବୃନ୍ଦାବନ ବରାଳ, ମନୋରଞ୍ଜନ ପୁରୋହିତ, ବ୍ରଜରାଜ ପୁରୋହିତ, ବିମଳ କୁମାର ଚୋପଦାର ଓ ଦିବାକର ହୋତା ନିର୍ବାଚିତ ହୋଇଥିଲେ।

# ୫୦ ହୃଦ୍‌ରୋଗ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କୋକସରା,୧୨।୧୨(ଡି.ଏନ.ଏ.): କୋକସରା ବ୍ଲକ ପେନସନଗ୍ରାହୀ ସଂଘ ଆନୁକୂଲ୍ୟରେ କୋକସରା ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ପରିସରରେ ନିଶୁଳ୍କ ହୃଦ୍‌ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ସୁଶାନ୍ତ କୁମାର ଶୈଳ ୫୦ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କକାର୍ଯ୍ୟକ୍ରମ କୋକସରା ପେନସନ ଗ୍ରାହି ସଂଘ ସଭାପତି ତ୍ରିନାଥ ଠାକୁର, ଧବଳେଶ୍ୱର ନାଗ, କେଶବ ଚନ୍ଦ୍ର ନାଏକ, ଗୁଣନିଧି ବାଗ, ପ୍ରହଲ୍ଲାଦ ଠାକୁର, ବିଶ୍ୱମ୍ବର ନାଏକ, କୁରୁକ୍ଷେତ୍ର ବେହେରା, ବିଶ୍ୱମ୍ବର ଶବର, ବିରଞ୍ଚି ପ୍ରଧାନୀ, ଯୋଗେଶ୍ୱର ନେଗି, ନିମାଇଁ ଚରଣ ଧଙ୍ଗଡାମାଝି ପ୍ରମୁଖ ପରିଚାଳନା କରିଥିଲେ।

## ଆଞ୍ଚଳିକ ଖେଳ ଖବର

# ଜେଏମ୍‌ସି କପ୍ କ୍ରିକେଟ: ଉଦ୍ୟାନବନ୍ଧ ଚାମ୍ପିୟନ

ନୂଆପଡ଼ା ଅଫିସ,୧୨।୧୨

ନୂଆପଡା ଜିଲା କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ହାତିସରା ଖେଳ ପଡିଆରେ ୫ ଦିନ ଧରି ଚାଲିଥିବା ୩୦ତମ ଜେଏମ୍‌ସି କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଅଞ୍ଚଳର ମୋଟ ୨୦ଟି ଦଳ ଯୋଗଦାନ କରିଥିଲେ। ଫାଇନାଲ ମ୍ୟାଚ୍ ଉଦ୍ୟାନବନ୍ଧ ଓ ହାତିସରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହାତିସରା ଦଳ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୩ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଉଦ୍ୟାନବନ୍ଧ ଦଳ ୫ ଉଇକେଟ ହରାଇ ୯ ଓଭରରେ ୯୪ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା କ୍ରିକେଟ ଆସୋସିଏଶନ ସାଧାରଣ ସମ୍ପାଦକ ଭୌରବ ସାହୁ ଯୋଗଦେଇଥିବା ବେଳେ ସାମାଜିକ


ଅତିଥିମାନଙ୍କ ଗହଣରେ ଖେଳାଳିମାନେ।

କର୍ମୀ ବୈରାଜ ସାହୁ, ଜିଲା ପରିଷଦ ଉପଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ବିଜେଡି ଜିଲା ସଧାରଣ ସମ୍ପାଦକ ସୁଧିର ମିଶ୍ର ପ୍ରମୁଖ ସମ୍ମାନିତ ଅରିଥି ଭାବେଯୋଗ ଦେଇଥିଲେ। ମୁଖ୍ୟଅତିଥି ଚମ୍ପିୟନ ଓ ରନର୍ସଅପ ଦଳକୁ ନଗଦ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ସିରିଜ୍ ହିତେଶ ମାଝି ଏବଂ ମ୍ୟାନ ଅଫ୍ ଦି ମ୍ୟାଚ ଚିତ୍ତରଞ୍ଜନ ସାହୁ ଉଦ୍ୟାନବନ୍ଧ ଦଳକୁ ପୁରସ୍କୃତ କରାଯାଇଥିଲା। ସୁରେଶ ଅହିର, ମନୋରଞ୍ଜନ ତାଣ୍ଡି ଖେଳ ପରିଚାଳନା କରିଥିବା ବେଳେ ସ୍କୋରରେ ଚିଣ୍ଟୁ ସୁନାନୀ ଓ ଧାରାବିବରଣି ହରିଷ ଅହିର ଓଡିଆ, ହିନ୍ଦୀରେ ଶୁଣାଇଥିଲେ। ଜୟ ମା' ଛୋଟିଗୁଡି କ୍ରିକେଟ କ୍ଲବ ହାତିସରା କ୍ରିକେଟ ମ୍ୟାଚ ପରିଚାଳନା କରିଥିଲେ। ସଭାପତି ମୁକେଶ ଅହିର, ସମ୍ପାଦକ ହରିଶ ଅହିର, ସଚିନ ଅହିର, ଜୟ ରାମ ଅହିର, ହେମ ସାଗର ମାଝି, ସୁରେଶ ଅହିର, ଭୋଜରାମ ଅହିର ପ୍ରମୁଖ ପରିଚାଳନା କରିଥିଲେ।

# ନାଏକ କ୍ରିକେଟ ଏକାଡେମୀ ବିଜୟୀ

ବଲାଙ୍ଗୀର ଅଫିସ, ୧୨।୧୨

ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଓସିଏ ଭିଜନ ୨୦୨୪ ସିନିୟର ଇଣ୍ଟ୍ରାକ୍ଲବ କ୍ରିକେଟ ଟୁର୍ନାମେଣ୍ଟ ସୁପରଲିଗର ପଞ୍ଚମ ମ୍ୟାଚ ନାଏକ ଏକାଡେମୀ ଓ ୟଙ୍ଗ ଷ୍ଟୁଡେଣ୍ଟ ଦଳ ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଥିଲା । ଟସ୍ ଜିଣି ନାଏକ ଏକାଡେମୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୮ ଓଭରରେ ୪ ଉଇକେଟ ବିନିମୟରେ ୨୬୬ ରନ୍‌ର ବିଶାଳ ସ୍କୋର କରିଥିଲା । ଜବାବରେ ୟଙ୍ଗ ଷ୍ଟୁଡେଣ୍ଟ ଦଳ ୩୮.୨ ଓଭରେ ସମସ୍ତ ଉଇକେଟ ହରାଇ ମାତ୍ର ୧୩୫ ରନ୍ ସଂଗ୍ରହ ପରାଜୟ ବରଣ କରିଥିଲା। ସୁବାଶିଷ ମିର୍ଦ୍ଧା ଅଲରାଉଣ୍ଡର ଖେଳ ପ୍ରଦର୍ଶନ ଯୋଗୁଁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତା


ଟ୍ରଫିରେ ଯୋଗଦେଇଥିବା ଅତିଥିଗଣ।

ଭବାନୀପାଟଣା,୧୨।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ବିଏମ୍ ହାଇସ୍କୁଲ ଅଡିଟୋରିୟମରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ୨୦୨୧ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି କରୁଣାକର ଦାସ, ଡ. ଅଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗୀତାରେ ଜିଲାର ସମସ୍ତ ବ୍ଲକର ଲୋକକଳା ଦଳଗୁଡିକ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ଶ୍ରେଷ୍ଠ ୩ଟି ଦଳକୁ ଚୟନ କରାଯାଇ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଭବାନୀପାଟଣା ପ୍ରତିଭା ଅନୁଷ୍ଠାନ ପ୍ରଥମ, ଜୟପାଟଣା ବ୍ଲକର ମା' ଜଗତ ଜନନୀ ଘୁମୁରା ଦଳ ଦ୍ୱିତୀୟ ଓ ଚମ୍ପେଶ୍ୱର ଘୁମୁରା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ପରମେଶ୍ୱର ମୁଣ୍ଡ, ଭୀମସେନ ସାହୁ, କ୍ଷୀରସିନ୍ଧୁ ନାଏକ, ହରିଶ ମୁଣ୍ଡ, ଡ.ଉମେଶ ଚନ୍ଦ୍ର ଶତପଥି ଓ ସତ୍ୟ ନାରାୟଣ ମହାପାତ୍ର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଲୋକକଳା ଦଳ ଆଗାମୀ ଦିନରେ ରାଜ୍ୟସ୍ତରୀୟ ଲୋକକଳା ଟ୍ରଫି ପ୍ରତିଯୋଗୀତାରେ ଭାଗ ନେବେ।

# ଫୁଟବଲ: ନକଟାସରକୁ ଟାଇଟଲ

ବେଲପଡା, ୧୨।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଭରୁଆପାଲି ଶହୀଦ ବାଜି ରାଉତ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ କର୍ଲାକୋଟ (କଳାହାଣ୍ଡି) ବନାମ ନକଟାସର (ବଲାଙ୍ଗୀର) ମଧ୍ୟରେ ହୋଇଥିଲା। ନକଟାସର ୧-୦ଗୋଲରେ କର୍ଲାକୋଟକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। କ୍ଲବ ସଭାପତି ସୀତାରାମ ମହାଖୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବିଧାୟକ ସରୋଜ ମେହେର ଯୋଗଦେଇ ନକଟାସର ଦଳକୁ ଚାମ୍ପିଆନ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ । ସମ୍ମାନୀତ ଅତିଥି ସ୍ଥାନୀୟ ସରପଞ୍ଚ ପଦ୍ମାବତୀ ବାଗ, ନୁହଡାଡ ସମିତି ସଭ୍ୟ ପୁରନ୍ଦର ବାଗ ଯୋଗଦେଇ ଉପବିଜେତା କର୍ଲାକୋଟ ଦଳକୁ ରନର୍ସ ଅପ କପ ସହ ୧୫ହଜାର ଟଙ୍କା ଦେଇ ପରସ୍କୃତ କରିଥିଲେ। ବିଧାୟକ ପ୍ରତିନିଧିଗଣେଷ କୁମ୍ଭାର, ଦୁର୍ଯ୍ୟୋଧନ କୁମ୍ଭାର, କୁମୁଦ ମହାଖୁଡ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ସେଠ, ବସନ୍ତ ମାଝୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ଅତିଥିଙ୍କ ଗହଣରେ ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

# ସଦାଇପାଲି ଭେଟେରାନ, ଗଇଁତଲା ଯୁଥ ଚାମ୍ପିୟନ

ବଲାଙ୍ଗୀର ଅଫିସ, ୧୨।୧୨

**ଭେଟରାନ୍, ଯୁଥ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ଭେଟରାନ୍ ଟୁର୍ନାମେଣ୍ଟ କମିଟି କଲେଜ ଛକ ବଲାଙ୍ଗୀର ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ଭେଟରାନ୍ ଏବଂ ଯୁଥ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମିଶନ୍ ଖେଳ ପଡିଆରେ ଭେଟରାନ ଟୁର୍ନାମେଣ୍ଟ ଫାଇନାଲ ଖେଳ ହୋଇଥିଲା। ଏଥିରେ ରୁରାଲ ଷ୍ଟାର ସଦାଇପାଲି ଦଳ ୪-୦ ଗୋଲରେ ବ୍ଲୁ ଷ୍ଟାର ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ବିଜୟୀ ଦଳ ତରଫରୁ ରାମକିଶୋର ଅଦାବରିଆ ୨ଟି ଗୋଲ, ସୁଧାଂଶୁ ସେଠ୍ ଓ ନିସାରକାନ୍ତ ନାଗ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ନେତା ଡା. ବାସୁଦେବ ପତି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

ଅପରାହ୍ଣ ୪ଟାରୁ ଯୁଥ ଟୁର୍ନାମେଣ୍ଟ ଫାଇନାଲ ଖେଳ ଆରମ୍ଭ ହୋଇଥିଲା। ସମଲେଶ୍ୱରୀ ଗଇଁତଲା ଦଳ ୨-୧


ଭେଟରାନ୍ ଚାମ୍ପିୟନ ରୁରାଲ ଷ୍ଟାର୍ ଦଳ ବିଜୟୀ ଟ୍ରଫି ଗ୍ରହଣ କରୁଛନ୍ତି।

ଗୋଲରେ ଖଲିଆପାଲି ଜଗନ୍ନାଥ ସ୍ପୋର୍ଟିଂକୁ ହରାଇ ଚାମ୍ପିୟନ ହୋଇଥିଲା। ପେଟ୍ରନ ଅମନ ନାଗଙ୍କ ଆବାହକତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କମିଟି ସଭାପତି ପ୍ରଭାତ ଦାସ ସଭାପତିତ୍ୱ କରିଥିଲେ। ଭେଟରାନ ଚାମ୍ପିୟନ ରୁରାଲ ଷ୍ଟାର ଦଳକୁ ଟ୍ରଫି ସହ ନଗଦ ୬ହଜାର ଟଙ୍କା, ଉପବିଜେତା ବ୍ଲୁଷ୍ଟାର ଦଳକୁ ଟ୍ରଫି ସହ ନଗଦ ୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଯୁଥ ଟୁର୍ନାମେଣ୍ଟର ଚାମ୍ପିୟନ ଗଇଁତଲା ଦଳକୁ ଟ୍ରଫି ସହ ନଗଦ ୬ ହଜାର ଟଙ୍କା ଓ ଉପବିଜେତା ଖଲିଆପାଲି ଦଳକୁ ଟ୍ରଫି ସହ ୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉଭୟ ଚାମ୍ପିୟନ ଦଳକୁ ଅତିଥି ଅର୍କେଶ ନାରାୟଣ ସିଂଦେଓ ଓ ଡା. ବାସୁଦେବ ପତି ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଦୋଷ କୁମାର ଦାସ ଯୋଗଦେଇ କ୍ରୀଡାପ୍ରେମୀଙ୍କ ସହଯୋଗ କାମନା କରିଥିଲେ। ପେଟ୍ରନ ଅମନ ନାଗ ଖେଳାଳି ଓ ଜନସାଧାରଣଙ୍କ ସହଯୋଗ ପାଇଁ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ହେମନ୍ତ କୁମାର ବେହେରା ସଂଯୋଜନା କରିଥିଲେ। ରୁରାଲ ଷ୍ଟାର ସଦାଇପାଲି ଦଳର ଅଧିନାୟକ ଡ ଶ୍ରୀକର ମିଶ୍ର ୭୦ ବର୍ଷ ବୟସରେ ତାଙ୍କର କ୍ରୀଡା ପ୍ରଦର୍ଶନ କରିଥିବାରୁ ତାଙ୍କୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ୧୯୬୯ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓ, ୧୯୯୧ରେ ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଓ ରବିବାର ଯୁବନେତା ଅର୍କେଶ ନାରାୟଣ ସିଂଦେଓଙ୍କଠାରୁ ଟ୍ରଫି ଗ୍ରହଣ କରିଥିବା ଡ. ମିଶ୍ର ଉଲ୍ଲେଖ କରିଥିଲେ।

**ମେଘଲା ଧାନମଣ୍ଡି ଉଦ୍‌ଘାଟିତ**

ବିନିକା,(ଡି.ଏନ୍.ଏ): ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ରବିବାର ବିନିକା ବ୍ଲକ ମେଘଲା ଧାନମଣ୍ଡିର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମଣ୍ଡି ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ଚାଷୀଙ୍କଠାରୁ ସୁରଖୁରରେ ଧାନ କିଣିବାକୁ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ମନ୍ତ୍ରୀଙ୍କ ସହିତ ଅଚ୍ୟୁତ କଣ୍ଟା, ମେଘଲା ସରପଞ୍ଚ ମନୋଜ ସେଠି, ଶିକ୍ଷାବିତ୍ ସଚ୍ଚିଦା କଣ୍ଟା, ହରପ୍ରସାଦ ପଧାନ, ଅଦୈତ ପଣ୍ଡା, ଭୀମସେନ ସାହୁ, କୃଷ୍ଣଚନ୍ଦ୍ର ପଣ୍ଡା, ଦ୍ୱାରିକାନାଥ ସାହୁ, ବାଙ୍କିଘିର୍ଡି ସରପଞ୍ଚ ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ଲୁଟିନେଲେ ବାଇକ୍, ୭୦ହଜାର ଟଙ୍କା

**ବାଉଁଶୁଣୀ,୧୨।୧୨(ଡି.ଏନ.ଏ.):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ବଉଲପୁର ଗ୍ରାମର ଛେଳି ବ୍ୟବସାୟୀ ଜଗନ୍ନାଥ ଜାଲ(୫୫) ଶନିବାର ଲୁଟ୍‌ର ଶିକାର ହୋଇଛନ୍ତି। ସନ୍ଧ୍ୟାରେ ପଲାସାଗୋରା ବଜାରରୁ ସେ ଫେରୁଥିବା ବେଳେ ବାଘମୁଣ୍ଡା ଗାଁ ନିକଟରେ ୪ଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ୭୦ହଜାର ୫ଶହ ଟଙ୍କା ଓ ବାଇକ ଲୁଟି ନେଇଛନ୍ତି। ଲୁଟ୍ ପରେ ଭୟଭୀତ ହୋଇ ପଡିଥିବା ଜଗନ୍ନାଥଙ୍କ ମାନସିକ ସ୍ଥିତି ଠିକ୍ ନଥିବାରୁ ତାଙ୍କ ପୁଅ ପିତାମ୍ବର ଜାଲ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ଖୁବ୍‌ଶୀଘ୍ର ଲୁଟେରାଙ୍କୁ ଧରିବା ସହିତ ଟଙ୍କା ଓ ଗାଡି ଜବତ କରାଯିବ ବୋଲି ଆଇଆଇସି ଗୋପିନାଥ ପ୍ରଧାନ କହିଛନ୍ତି। ଅଭିଯୋଗ ମୁତାବକ ଶନିବାର ଛେଳି କିଣିବାକୁ ଜଗନ୍ନାଥ ୭୦ହଜାର ୫ଶହ ଟଙ୍କା ଧରି ପଲସାଗୋରା ସାପ୍ତାହିକ ବଜାରକୁ ଯାଇଥିଲେ। ହେଲେ ମନ ପସନ୍ଦର ଛେଳି ନ ମିଳିବାରୁ ସନ୍ଧ୍ୟା ପ୍ରାୟ ୭ଟାରେ ବାଇକ (ଓଡି ୩୧ଡି ୮୦୪୬)ରେ ଘରକୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ।

### ଶିକ୍ଷକ-ଅଭିଭାବକ ବୈଠକ

**ଅମରପାଲି,୧୨।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ଶିକ୍ଷକ, ଅଭିଭାବକଙ୍କ ଏକ ବୈଠକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ପୀତାମ୍ବର ସାହୁ, ସିଆରସିସି ପ୍ରଦୀପ ଜଗଦଲା, ଶିକ୍ଷକ ଶ୍ୟାମସୁନ୍ଦର ସେଠୀ, ସମ୍ବିତ ପଧାନ, ପଦ୍ମନାଭ ପଧାନ, ରଜତ ପଧାନ, ଗୌତମ ବାରିକ, ଲଳିତ ପଧାନ, କହ୍ନେଇ ଚରଣ ପଧାନ ଯୋଗଦେଇଥିଲେ। କୋଭିଡ ସମୟରେ ପିଲଙ୍କ ପାଠପଢା ପାଇଁ ଶିକ୍ଷକଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ମତପ୍ରକାଶ ପାଇଥିଲା। ପ୍ରାଣବନ୍ଧୁ ସାହୁ ସଭା କାର୍ଯ୍ୟ ସଂଯୋଜନା, ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନିକା-ସୋନପୁର ମୁଖ୍ୟରାସ୍ତା ଅବରୋଧ

## ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ବିନିକା,୧୨।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସହରର ହିରୋ ଶୋରୁମ ଛକରେ ରବିବାର ଟ୍ରକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିନିକା ସହର ପାଲିପଡାର ଗୋବିନ୍ଦ ରାଜହଂସ(୨୮)। ଗୋବିନ୍ଦ ସନ୍ଧ୍ୟାରେ ସାଇକେଲରେ ଘରକୁ ଫେରୁଥିବାବେଳେ ଏକ କମଳା ବୋଝେଇ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଏହାପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ ସହାୟତା


ମୃତଦେହ ରାସ୍ତାରେ ରଖି ଲୋକେ ରାସ୍ତାରୋକୋ କରିଛନ୍ତି।

ରାଶି ପ୍ରଦାନ ଦାବିରେ ବିନିକା-ସୋନପୁର ମୁଖ୍ୟରାସ୍ତାରେ ମୃତଦେହ ରଖି ଅବରୋଧ କରିଥିଲେ। ବିନିକା ଥାନା ଏସଆଇ ପି.ସି.ମେହେର, ଏଏସଆଇ ସବ୍ୟସାଚୀ ପ୍ରଧାନ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରୁଛନ୍ତି। ଖବର ଲେଖାଯାଏ ରାତି ୯।୩୦ସୁଦ୍ଧା ରାସ୍ତାରୋକୋ ଜାରି ରହିଛି। ରାସ୍ତାର ଉଭୟ ପଟରେ ଶହଶହ ଗାଡି ମୋଟର ଅଟକି ରହିଛି। ଟ୍ରକକୁ ପୋଲିସ ଧଉଁରାଖମନ ଛକରେ ଜବତ କରିଛି। ଡ୍ରାଇଭର, ହେଲପରଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଛି। ମହାରାଷ୍ଟ୍ରରୁ କମଳା ବୋଝେଇ ହୋଇ ଟ୍ରକ (ନଂ.ଏମ୍‌ଏଚ୍‌୨୭-ବିଏକ୍ସ-୩୬୮୫)ରେ ବ୍ରହ୍ମପୁର ଯାଉଥିଲା।

# କୋଭିଡ୍ ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

**ବରଗଡ଼ ଅଫିସ୍,୧୨।୧୨**

କରୋନାରେ ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ଗ୍ରାମର ଅରବିନ୍ଦ ପ୍ରଧାନ ଓ ଅମୃତା ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା। ଫଳରେ ମୃତକଙ୍କ ୨ପୁଅ ନିଖିଳ, ନୈତିକ ଏବଂ ବୁଢ଼ୀମା' ଯଶୋଦା ଅସହାୟ ହୋଇ ପଡ଼ିଛନ୍ତି। ରବିବାର ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହି ପରିବାରକୁ ଭେଟି ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ ଉପସ୍ଥିତ ଥିଲେ। ବିଧାୟକ ଆଚାର୍ଯ୍ୟ ସ୍ଥାନୀୟ ସରପଞ୍ଚ ପ୍ରତିଭା ନାଏକଙ୍କୁ ଫୋନ୍ କରି ଏହି ପରିବାର ଲୋକଙ୍କୁ ପଞ୍ଚାୟତସ୍ତରରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ।

# ବୌଦ୍ଧ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ଶକ୍ତିବାହିନୀ ଗଠିତ

**ବୌଦ୍ଧ,୧୨।୧୨ (ସ୍ୱ.ପ୍ର.)**

ବୌଦ୍ଧ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ଜିଲାର ମହିଳାମାନଙ୍କୁ ନେଇ ଶକ୍ତିବାହିନୀ ଗଠନ ପାଇଁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବ୍ରାହ୍ମଣ ସମାଜର ସମ୍ପାଦକ ଦେବାଶିଷ ପୁରୋହିତ ଆଲୋଚନା କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ନିଜ ମତ ପ୍ରକାଶ କରିଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ପଦ୍ମାଳୟା ମିଶ୍ର, ଉପ ସଭାପତି ଭାବେ ରୀତା ମିଶ୍ର, ସମ୍ପାଦକ ଭାବେ ଗୀତାଞ୍ଜଳି ପାଣିଗ୍ରାହୀ, ସହ ସମ୍ପାଦକ ଭାବେ ସସ୍ମିତାରାଣୀ ହୋତା, କୋଷାଧ୍ୟକ୍ଷ ଭାବେ ଝରଣା ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରମୋଦିନୀ


ମହିଳାମାନଙ୍କୁ ନେଇ ଶକ୍ତି ବାହିନୀର କର୍ମକର୍ତ୍ତା।

ଯୋଶୀ, ନଳିନୀ ପାଣିଗ୍ରାହୀ, ପ୍ରମିଳା ମିଶ୍ର, ପ୍ରତିଭା ପଣ୍ଡା, ରଶ୍ମିତା ହୋତା, ମୀନାରାଣୀ ମିଶ୍ର, ସଂଯୁକ୍ତାରାଣୀ ପଣ୍ଡା ମନୋନୀତ ହୋଇଥିଲେ। ଡିସେମ୍ବର ୧୯ରେ ହେବାକୁ ଥିବା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ବାର୍ଷିକ ଉତ୍ସବରେ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ। ଶେଷରେ ଉପ ସଭାପତି ଶମ୍ଭୁପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କବି କଳାକାର ସମାବେଶ, ପୁସ୍ତକ ଉନ୍ମୋଚିତ

**ପଦ୍ମପୁର, ୧୨।୧୨ (ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ନାଗେନମାଲ ଗ୍ରାମରେ ରବିବାର ସମ୍ବଲପୁରୀ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ମନ୍ଦିର ପ୍ରତିଷ୍ଠା ସହ କବିତା ଆବୃତ୍ତି, ନୃତ୍ୟଗୀତ, ଘୁଡୁକା, ସାରଙ୍ଗି, ସଞ୍ଚାର ପରିବେଷଣ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ପୂଜାରେ ବୈକୁଣ୍ଠ ମେହେର କର୍ତ୍ତା ଭାବେ ପୂଜା ସମ୍ପାଦନ କରିଥିଲେ। ପରେ ଭାଷା ସଚେତନତା ସଭାରେ ଚନ୍ଦ୍ରମଣି ବରିହା ସଭାପତିତ୍ୱ କରିଥିଲେ। ଉତ୍ପନ୍ନ କୁମାର ଭୋଇ ମୁଖ୍ୟଅତିଥି, ତେଜରୁ ବାରିକ ମୁଖ୍ୟବକ୍ତା, ଯଶୋବନ୍ତ ବିଶ୍ୱାଳ, କ୍ରାନ୍ତିକବି ହରିଲାଲ ସାହୁ, ଚେତନା କବି ମୁନୀରାମ କୁମ୍ଭାର, ସଂସ୍କୃତି କବି ରାମ ପ୍ରସାଦ ବାଗ, ସମ୍ପାଦକ ବୈରାଗୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅଧାପକ ନାରାୟଣ ଭୋଇ ସଭା ସଂଯୋଜନା କରିଥିଲେ। କବିତା ଆବୃତ୍ତି କାର୍ଯ୍ୟକ୍ରମକୁ ସନ୍ତୋଷ ସ୍ୱାଇଁ, ପୌଲସ୍ତ୍ୟ ସାହା, ରୋଜ ପ୍ରଧାନ, ଚନ୍ଦନ ସାହୁ ସଂଯୋଜନା କରିଥିଲେ। ପରେ ରସିକ ବେହେରାଙ୍କ 'ଦାଦନ ଭୂତ' ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ଶହୀଦଙ୍କୁ ଖବରକାଗଜ ବିତରକ ସଂଘର ଶ୍ରଦ୍ଧାଞ୍ଜଳି



ଶହୀଦଙ୍କୁ ବରଗଡ଼ ଖବରକାଗଜ ବିତରକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

**ବରଗଡ଼ ଅଫିସ୍,୧୨।୧୨**

ତାମିଲନାଡୁ କୁନ୍ନୁରରେ ସେନା ହେଲିକପ୍ଟର ଦୁର୍ଘଟଣାରେ ଶହୀଦ ହୋଇଥିବା ସିଡ଼ିଏସ୍ ବିପିନ ରାୱତ, ବାୟୁସେନା ଜୁନିୟର ୱାରେଣ୍ଟ ଅଫିସର ରାଣାପ୍ରତାପ ଦାସଙ୍କ ସମେତ ଅନ୍ୟ ଯବାନଙ୍କୁ ରବିବାର ସନ୍ଧ୍ୟାରେ ବରଗଡ଼ ଜିଲା ଖବରକାଗଜ ବିତରକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଗାନ୍ଧୀଛକ ସ୍ଥିତ ଗାନ୍ଧୀମୂର୍ତ୍ତି ସମ୍ମୁଖରେ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ସମବେତ ହୋଇଥିଲେ। ଶହୀଦଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ସହିତ ମହମବତୀ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଂଘ ସଭାପତି ଜୟପ୍ରକାଶ କୁମ୍ଭାର, ସମ୍ପାଦକ ଗଙ୍ଗାଧର କନ୍ଧେର, କୋଷାଧ୍ୟକ୍ଷ ଅଚ୍ୟୁତ ସର, ଉପଦେଷ୍ଟା ରମେଶ ଦାସ, ସଭ୍ୟ ନିବାସ ଚରଣ ବାଗ, ମିଟୁ ରାଉତ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ସଂସ୍କାର ସ୍କୁଲର ପ୍ରତିଷ୍ଠା ଦିବସ


ପ୍ରତିଷ୍ଠା ଦିବସରେ ସ୍କୁଲ ପ୍ରତିଷ୍ଠାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

**ବରଗଡ଼ ଅଫିସ୍,୧୨।୧୨**

ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ପ୍ରତିଷ୍ଠା ଦିବସ (ଫାଉଣ୍ଡେଶନ ଡେ) ରବିବାର କୋଭିଡ୍ ଗାଇଡ୍ ଲାଇନ ପାଳନ କରି ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ସାୱଡ଼ିଆ ଯୋଗଦାନ କରିଥିଲେ। ତାଙ୍କ ଜନ୍ମଦିନରେ ଏହି ଦିବସ ପାଳନ କରାଯାଉଥିବା ବେଳେ ସ୍କୁଲ ପ୍ରତିଷ୍ଠାତ୍ରୀ ସାବିତ୍ରୀ ସାୱଡ଼ିଆଙ୍କୁ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସ୍କୁଲର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଭାଇସ ଚେୟାରମ୍ୟାନ ରୋଶନ ସାୱଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ବବିତା ସାୱଡ଼ିଆ, ସିଦ୍ଧାର୍ଥ ସାୱଡ଼ିଆଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀମାନେ ଭଜନ, ନୃତ୍ୟ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ରୀତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ଖେଳ ଖବର

# କ୍ରିକେଟ: ୟୁନାଇଟେଡ୍ କ୍ଲବ, ବିକାଶ କ୍ଲବ ବିଜୟୀ

**ବରଗଡ଼ ଅଫିସ୍,୧୨।୧୨**

ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଭିଜନ-୨୦୨୪ରେ ଚାଲିଥିବା ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚ୍ ଗୁଡ଼ିକରେ ବରଗଡ଼ର ୟୁନାଇଟେଡ୍ କ୍ଲବ ଓ ବିକାଶ କ୍ରିକେଟ କ୍ଲବ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବିକାଶ ଗ୍ରାଉଣ୍ଡରେ ୟୁନାଇଟେଡ୍ କ୍ଲବ ଓ ବରଗଡ଼ ଫାଇଟର୍ସ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବରଗଡ଼ ଫଇଟର୍ସ ପ୍ରଥମେ ବ୍ୟାଟିଂ କରି ମିହିର ମେହେରଙ୍କ ୪୭, ଦେବେଶ ବଗାରଙ୍କ ୩୯ରନ ସହାୟତାରେ ୪୮.୨ ଓଭରରେ ୯ଉଇକେଟ ହରାଇ ୨୩୦ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷର ଶେଖ୍ ମଜହର ୫, ଅବିନାଶ ସିଂ ୩ଟି ଉଇକେଟ ନେଇଥିଲେ। ଜବାବରେ ୟୁନାଇଟେଡ୍ କ୍ଲବ ଶ୍ରୀକାନ୍ତ ପ୍ରଧାନଙ୍କ ୧୦୭, ସେକ୍ ହେୟାଟ୍‌ଙ୍କ ୩୬, ମଳୟ ହାତୀଙ୍କ ୨୦ରନ ସହାୟତାରେ ୩୧.୫ ଓଭରରେ ୫ଉଇକେଟ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିଥିଲା। ପ୍ରତିପକ୍ଷର ମୋହିତ ଅଗ୍ରୱାଲ ୨ଟି ଉଇକେଟ ନେଇଥିବା ବେଳେ ଅଭିଷେକ ଏବଂ ଜୀୟାୟୁର ରେହମନ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ସଞ୍ଜୟ ନାୟକ, ଗୁରୁଦୀପ ସିଂ ମ୍ୟାଚ ପରିଚାଳନା କରିଥିବାବେଳେ ରଜତ ଦାଶ ସ୍କୋରର ଥିଲେ।

ସେହିପରି କଟାପାଲି ଗ୍ରାଉଣ୍ଡରେ ବିକାଶ କ୍ରିକେଟ କ୍ଲବ ଓ କଟାପାଲି କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବିକାଶ କ୍ରିକେଟ କ୍ଲବ ବ୍ୟାଟିଂ କରି ପ୍ରୀତମ ଜେନାଙ୍କ ୫୦, ଆୟୁଷ ମେହେରଙ୍କ ୩୯, ତରଙ୍ଗ ଶର୍ମାଙ୍କ ୩୬ରନ ସହାୟତାରେ ୪୯.୪ ଓଭରରେ ୨୧୨ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷର ଦୁର୍ଗା ଅଗ୍ରୱାଲ ୩ଟି ଉଇକେଟ୍ ନେଇଥିବା ବେଳେ ସାଜନ ସାହୁ ଓ ଜ୍ୟୋତି ସେଠ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କଟାପାଲି କ୍ରିକେଟ କ୍ଲବ ଦଳର ଶ୍ରୁତିରାଜ ମିଶ୍ରଙ୍କ ୪୧, ଜ୍ୟୋତିଙ୍କ ୧୭, ଚକା ନାୟକଙ୍କ ୧୫ରନ ସହାୟତାରେ ୪୦.୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୫୧ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ପ୍ରଦୀପ କୁମାର ଦାଶ, ଶୁଭ ପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ମନୋଜ ପାତ୍ର ସ୍କୋରର ଥିଲେ।

# ଭିଜନ କ୍ରିକେଟ ଲିଗ: ଏସ୍‌ଡିସିଏ ୟେଲୋ ବିଜୟୀ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ବୃନ୍ଦ।

**ସୋନପୁର,୧୨।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା କ୍ରିକେଟ୍‌ସଂଘ ଆନୁକୂଲ୍ୟରେ ଓଡିଶା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଭିଜନ-୨୦୨୪ କ୍ରିକେଟ୍ ଲିଗ୍‌ର ପଞ୍ଚମ ଦିବସ ରବିବାର ଏସଡିସିଏ ୟେଲୋ ବିଜୟ ଲାଭ କରିଛି। ସୋନପୁର ଗାନ୍ଧୀ ପଡିଆରେ ଏସ୍‌ଡିସିଏ ରେଡ୍ ଓ ଏସ୍‌ଡିସିଏ ୟେଲୋ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରେଡ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ସୁରଜ ମହାପାତ୍ରଙ୍କ ୯୫ ବଲରେ ୧୦୦ ରନ, ରାକେଶ ସାହୁଙ୍କ ୨୧ ରନ ସହାୟତାରେ ଦଳ ୧୭୭ ରନ କରିଥିଲା। ୟେଲୋ ଦଳର ବି.ପୁରୁଷୋତ୍ତମ ପାତ୍ର ୩ଉଇକେଟ ନେଇଥିଲେ। ଜବାବରେ ୟେଲୋ ଦଳ ୨୧.୪ ଓଭରରେ ୪ଉଇକେଟ୍ ହରାଇ ୧୮୧ ରନ କରି ବିଜୟ ଲାଭ କରିଥିଲା। ୟେଲୋ ଦଳର ଓପନରଦ୍ୱୟ ଦୃଢ ମୂଳଦୂଆ ସ୍ଥାପନ କରିବା ସହିତ ଚନ୍ଦନ ଦାସ ୨୯ରନ କରି ଦଳୀୟ ସ୍କୋର ୧୩୩ ରନରେ ରନ ଆଉଟ ହୋଇ ଯାଇଥିଲେ। ମାତ୍ର ଅଭିଜ୍ଞ ପୁରୁଷୋତ୍ତମ ପାତ୍ର ତାଙ୍କ ବ୍ୟାଟିଂ ଦକ୍ଷତାର ପ୍ରମାଣ ଦେବା ସହ ୭୫ ବଲରେ ୧୦୮ ରନ କରି ଆଉଟ ହୋଇଥିଲେ। ପରେ ବି.ଆକାଶ ପାତ୍ର ଉପଯୋଗୀ ୧୨ରନ ସଂଗ୍ରହ କରି ଦଳକୁ ବିଜୟୀ କରାଇଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ସିଦ୍ଧାର୍ଥ ମିଶ୍ର ଓ ସୁଶାନ୍ତ ସେଠ୍। ସ୍କୋରର ଥିଲେ ପାର୍ଥସାରଥୀ ଦାସ। ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିଲେ ସୁବର୍ଣ୍ଣପୁର ଜିଲା ହାବିଲଦାର-କନଷ୍ଟେବଲ ସଂଘ ସମ୍ପାଦକ ଦିନେଶ ମିଶ୍ର ଓ କ୍ରିକେଟ୍ ସଂଘର ପ୍ରାକ୍ତନ ଯୁଗ୍ମ ସମ୍ପାଦକ ଅରବିନ୍ଦ ପୂଜାହାରୀ। ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ ସୁକାନ୍ତ କୁମାର ସାହୁ, ନବ ପ୍ରକାଶ ମିଶ୍ର, ୱାର୍ଲଡ ୱିନ୍ ମିଶ୍ର, ରଞ୍ଜୟ ରାୟ ଓ ବାବୁଲୁ ମହାନନ୍ଦ।

# ଫୁଟବଲ: ଗର୍ଭନା ଚାମ୍ପିୟନ

**ବରଗଡ଼ ଅଫିସ୍,୧୨।୧୨**

ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲିରେ ରବିବାର ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆମ୍ବେଦକର କ୍ଲବ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଗର୍ଭନା ଓ ତେଜାଗୁଲା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଗର୍ଭନା ପ୍ରତିପକ୍ଷ ତେଜାଗୁଲାକୁ ୫-୪ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ବିଜେଡ଼ିର ବରିଷ୍ଠ ନେତା ସମ୍ବିତ ଆଚାଯର୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ଦଳକୁ ଟ୍ରଫି ସହିତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସେହିପରି ଦୁଃଖିଶ୍ୟାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ତେଜାଗୁଲାକୁ ପୁରସ୍କୃତ କରିଥିଲେ। ଚନ୍ଦ୍ରକାନ୍ତ ପଟ୍ଟନାୟକ, ସତ୍ୟନାରାୟଣ ସୁନା, ଟୁନା ଭୂୟାଁ, ମାନୁଆଲ କୁମ୍ଭକାର, ଜିତେନ ପଟ୍ଟନାୟକ, ହରିକିଶନ କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ।


ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

# ଅଂଶଗ୍ରହଣ ପାଇଁ ବୌଦ୍ଧ ଜିଲାର ଖେଳାଳିଙ୍କ ଯାତ୍ରା

## ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତା

**ବୌଦ୍ଧ,୧୨।୧୨(ସ୍ୱ.ପ୍ର.)**

ରାଜ୍ୟ ଖୋଖୋ ସଂଘ ଦ୍ୱାରା ଅନୁଗୋଳରେ ଆୟୋଜିତ ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବୌଦ୍ଧ ଜିଲାର ୧୨ ଜଣିଆ ଦଳ ରବିବାର ଯାତ୍ରା କରିଛନ୍ତି। ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ପଠାଯାଇଥିବା ଏହି ଖୋଖୋ ଦଳରେ ହରଜିତ କୁମାର ପ୍ରଧାନ, ମାନସ କୁମାର ପ୍ରଧାନ, ରୋହିତ କୁମାର କ୍ଷେତି, ୱାହିଲ ମନ୍ଥନ ସେଠ୍, ଜୁବାନଶ୍ୱ ମହାକୁଡ, ଦେବାନନ୍ଦ ସଲମା, ଆକାଶ ସୁନା, ଅମରେଶ ଝାଙ୍କର, ସୌରଭ ବେହେରା, ତନ୍ମୟ କୁମାର ଅମାତ, ଅମ୍ରିତ କୁମାର


ଖୋଖୋ ଖେଳାଳି ଯାଉଛନ୍ତି।

ସେଠୀ ଓ ଅବିନାଶ ବିଶ୍ୱାଳ ସାମିଲ ହୋଇଛନ୍ତି। ଖେଳାଳିମାନଙ୍କ ସହିତ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ ଓ ଟିମ୍ ମ୍ୟାନେଜର ହିମାଂଶୁ ଶେଖର ମାଝି ମଧ୍ୟ ଯାତ୍ରା କରିଛନ୍ତି। ବୌଦ୍ଧ ଜିଲା କ୍ରୀଡା ସଂସଦ ସମ୍ପାଦକ ରବୀନ୍ଦ୍ର କୁମାର ରାଉତ ଓ ଖବରଦାତା ଶଶାଙ୍କ ଶେଖର ମିଶ୍ର ବୌଦ୍ଧ ବସଷ୍ଟାଣ୍ଡଠାରେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉତ୍ତମ ଖେଳ ପ୍ରଦର୍ଶନ କରି ବିଜୟୀ ହେବା ସହିତ ଜିଲା ପାଇଁ ଗୌରବ ଆଣିବାକୁ ଉତ୍ସାହିତ କରିଥିଲେ।

# ଅମରପାଲି କ୍ରିକେଟ କପ୍: ପ୍ରି-କ୍ୱାର୍ଟର ଫାଇନାଲରେ ଗୁଦଗୁଦା

**ଅମରପାଲି,୧୨।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଭଗବାନ ସାହୁ ଗ୍ରାଉଣ୍ଡରେ ଜାମଷ୍ଟାର କ୍ଲବ ଓ ଫ୍ରେଣ୍ଡସ କ୍ଲବ ମିଳିତ ଆନୁକୂଲ୍ୟରେ ଚାଲିଥିବା ୨୯ତମ ଅମରପାଲି କ୍ରିକେଟ କପର ରବିବାର ଥିଲା ଦ୍ୱିତୀୟ ଦିବସ। ଦିବସର ପ୍ରଥମ ମ୍ୟାଚ କୁସୁର୍ଡା ଓ ଗୁଦୁଗୁଦା ମଧ୍ୟରେ ହୋଇଥିଲା। କୁସୁର୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୫ ଉଇକେଟ ହରାଇ ୯୬ ରନ କରିଥିଲା। ଜବାବରେ ଗୁଦଗୁଦା ଦଳ ୯.୧ଓଭରରେ ୭ଉଇକେଟ ହରାଇ ୧୦୦ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଚକାମୁଣ୍ଡା ଓ ବ୍ରାହ୍ମଣୀପାଲି ମଧ୍ୟରେ ହୋଇଥିଲା। ବ୍ରାହ୍ମଣୀପାଲି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୯



ଅତିଥିଙ୍କ ସହିତ ବିଜୟୀ ଗୁଦଗୁଦା ଦଳର ଖେଳାଳିମାନେ।

ଉଇକେଟ ହରାଇ ୯୩ ରନ କରିଥିଲା। ଜବାବରେ ଚକାମୁଣ୍ଡା ଦଳ ୮.୪ ଓଭରରେ ୫ ଉଇକେଟ ବିନିମୟରେ ୯୪ରନ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଗୁଦଗୁଦା ଦଳ ପ୍ରଥମେ ବ୍ୟାଟିଂ କରି ୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ କରିଥିଲା। ଜବାବରେ ଚକାମୁଣ୍ଡା ଦଳ ୧୦ ଓଭରରେ ୫ ଉଇକେଟ ହରାଇ ୪୩ ରନ କରି ପରାସ୍ତ ହୋଇଥିଲା। ଫଳରେ ଗୁଦଗୁଦା ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲା। ପୀତାମ୍ବର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ ସୁରେନ୍ଦ୍ର ଭୋଇ ମୁଖ୍ୟ ଅତିଥି ଓ କ୍ରୀଡାବିତ ସୁରେଶ ବିଶି ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୁଦଗୁଦାର ବିଷ୍ଣୁ ଚରଣ ପଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରିଥିଲେ। ମ୍ୟାଚ ଗୁଡିକରେ ସମିତ ମାଝୀ, ରାଜେଶ ସାହୁ, ଶ୍ରୀତମ ପଧାନ ଓ ସୁମନ ପଧାନ ଅମ୍ପାୟାର, ନିତମ ରଞ୍ଜନ ପଧାନ ସ୍କୋରର, ରିମନ ସାହୁ ଅନଲାଇନ ସ୍କୋରିଂ ଏବଂ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।